# ୪,୫୦୦ କୋଟିର ପ୍ରକଳ୍ପ ଶୁଭାରମ୍ଭ କରିବେ ମୋଦି

ଭୁବନେଶ୍ୱର,୩।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ବାରିପଦାଠାରେ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହି ଅବସରରେ ସେ ଅନ୍ୟ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିବେ। ଦୁଇ ସପ୍ତାହ ମଧ୍ୟରେ ଏହା ମୋଦିଙ୍କର ଦ୍ୱିତୀୟ ଓଡ଼ିଶା ଗସ୍ତ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଟ୍ ୪,୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି।

ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସିଏଲ୍) ପକ୍ଷରୁ ୧,୦୮୦ କୋଟି ଟଙ୍କା ବିନିଯୋଗରେ ୫୧୩ କିମି ବିଶିଷ୍ଟ ବାଲେଶ୍ୱର-ହଳଦିଆ-ଦୁର୍ଗାପୁର ଗ୍ୟାସ୍ ପାଇପ୍ ଲାଇନ୍ ସ୍ଥାପନ ହୋଇଛି। ପାରାଦୀପ-ହଳଦିଆ-ଦୁର୍ଗାପୁର ଗ୍ୟାସ୍ ପାଇପ୍ ଲାଇନ୍‌ର ଏହା ଏକ ଅଂଶବିଶେଷ। ପାରାଦୀପଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଏହି ପାଇପ ଲାଇନ୍‌ର ସେକ୍ସନ ୨୦୧୭ ଏପ୍ରିଲରେ କାର୍ଯ୍ୟକ୍ଷମ ହୋଇଥିଲା। ନୂଆ ପାଇପ୍ ଲାଇନ୍ କାର୍ଯ୍ୟକ୍ଷମ ହେଲେ ପାରାଦୀପଠାରୁ ହଳଦିଆ ଏବଂ ଦୁର୍ଗାପୁର ପର୍ଯ୍ୟନ୍ତ ପାଇପ୍ ଲାଇନରେ ବିଭିନ୍ନ ବଟଲିଂ ପ୍ଲାଣ୍ଟକୁ ଗ୍ୟାସ୍ ଯାଇପାରିବ ବୋଲି ଆଇଓସିଏଲ୍ ପକ୍ଷରୁ ସୂଚନା ରହିଛି।

ଏନ୍‌ଏଚ୍-୨୧୫ର ୪୩.୨ କି.ମି ରିମୁଳି-କୋଇଡ଼ା ସେକ୍ସନର ୪ ଲେନ୍ ବିଶିଷ୍ଟ କାର୍ଯ୍ୟକୁ ମୋଦି ଭିତ୍ତି ପ୍ରସ୍ତର ଦେବେ। ଉକ୍ତ ପ୍ରକଳ୍ପ ଲାଗି ୮୨୮.୩୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ୨୦୨୦ ମେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ୧୩୧୩ କୋଟି ଟଙ୍କା ବ୍ୟୟରେ ଏନ୍‌ଏଚ୍-୬ର ସିଙ୍ଗଡ଼ା-ବିଞ୍ଜବାହାଲ ସେକ୍ସନର ୪ ଲେନିଂ କାର୍ଯ୍ୟ ଏବଂ ୧୧୭୬.୪ କୋଟି ବ୍ୟୟରେ ଏନ୍‌ଏଚ୍-୨୧୫ର ୫୩.୨ କିମି କୋଇଡା-ରାଜାମୁଣ୍ଡା ସେକ୍ସନର ମଧ୍ୟ ଭିତ୍ତି ପ୍ରସ୍ତର ଦିଆଯିବ। ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯଥାକ୍ରମେ,ମାର୍ଚ୍ଚ ୨୦୨୧ ଏବଂ ମେ ୨୦୨୦ ମଧ୍ୟରେ ଶେଷ କରିବାର ଯୋଜନା ରହିଛି। ଏହି ୩ ରାଜପଥ ପ୍ରକଳ୍ପରେ ମୋଟ୍ ୩୩୧୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତଥିବା ଅଧିକାରୀବୃନ୍ଦ।

- ୩୩୧୮ କୋଟିର ୩ ରାଜପଥ ପ୍ରକଳ୍ପର ଭିତ୍ତିପ୍ରସ୍ତର
- ବାଲେଶ୍ୱର-ଦୁର୍ଗାପୁର-ହଳଦିଆ ଗ୍ୟାସ୍ ପାଇପ୍ ଲାଇନ
- ବାଲେଶ୍ୱରରେ ମଲ୍ଟି ମୋଡ଼ାଲ ପାର୍କ

ଟାଟା ନଗରଠାରୁ ବାଦାମ ପାହାଡ ମଧ୍ୟରେ ୨ ପାସେଞ୍ଜର ଟ୍ରେନ୍‌କୁ ମୋଦି ଶୁଭାରମ୍ଭ କରିବେ। ଏହା ଦ୍ୱାରା ଲୋକମାନେ ହାଓଡାକୁ ରେଳ ସଂଯୋଗ ପାଇପାରିବେ। ଏହା ସହ ମୁମ୍ବାଇ ଭାୟା ଟାଟାନଗର ସପ୍ତାହକୁ ୬ ଦିନ ଟ୍ରେନ ସେବା ଉପଲବ୍ଧ ହେବ। ସେହିଭଳି ଏହି ରେଳ ଲାଇନର ବିଦ୍ୟୁତୀକରଣ କାର୍ଯ୍ୟକୁ ମଧ୍ୟ ଅନୁମୋଦନ ମିଳିଛି। ନରଣପୁର-ବସନ୍ତପୁର ଏବଂ ଚିଲିକିଡରା-ଶଗଡପଟା ଲାଇନ୍‌ର ଦୋହରାକରଣକୁ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଚିଲିକିଡରା-ଶଗଡପଟା ୧୧.୩ କିମି ଏବଂ ନରଣପୁର-ବସନ୍ତପୁରର ୯କିମି ଲାଇନର ଦୋହରୀକରଣ କାର୍ଯ୍ୟ ୧୩୧.୩୪ କୋଟି ଟଙ୍କା ବିନିଯୋଗରେ ସମ୍ପୂର୍ଣ୍ଣ ହୋଇଛି। ଏହା କେନ୍ଦୁଝରର ଏବଂ ଯାଜପୁର ଜିଲାକୁ ସଂଯୋଗ କରିବ।

ବାଲେଶ୍ୱରରେ ୨୫ କୋଟି ଟଙ୍କା ବିନିଯୋଗରେ ସ୍ଥାପନ ହୋଇଥିବା ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (ଏମ୍‌ଏମ୍‌ଏଲ୍‌ପି) ମଧ୍ୟ ଲୋକାର୍ପଣ ହେବ। ଏଠାରେ ଆମଦାନୀ ତଥା ରପ୍ତାନି ଲାଗି କଷ୍ଟମ୍ ଫାସିଲିଟେଶନ ସେଣ୍ଟର ସ୍ଥାପନ ହୋଇଥିବା ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ସେହିଭଳି ରାଜ୍ୟର ଭଦ୍ରକ, କଟକ, ଯାଜପୁର, ଆସ୍କା, କେନ୍ଦୁଝର ଏବଂ ଢେଙ୍କାନାଳ ଭଳି ସ୍ଥାନଗୁଡ଼ିକରେ ପାସ୍‌ପୋର୍ଟ ସେବା କେନ୍ଦ୍ରର ଶୁଭାରମ୍ଭ ହେବ। ଅପରପକ୍ଷରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ହରିପୁରଗଡର ପ୍ରାଚୀନ ଦୁର୍ଗର ପୁନରୁଦ୍ଧାର କାର୍ଯ୍ୟ ତଥା ରସିକରାୟ ମନ୍ଦିରର ସଂରକ୍ଷଣ ତଥା ଉନ୍ନତୀକରଣ କାର୍ଯ୍ୟ ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଖବରଦାତା କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଅଏଲର ଏସ୍‌ଇଆର୍‌ପିଏଲ୍ ଇଡ଼ି ପି.ସି. ଚୌବେ, ଇଣ୍ଡିଆନ୍ ଅଏଲ୍ ଓଡ଼ିଶା ସିଜିଏମ୍ ପ୍ରତୀଶ ଭରତ, ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ, ପୂର୍ବତଟ ରେଳପଥର ମୁଖ୍ୟ ପିଆର୍‌ଓ ଜେ.ପି. ମିଶ୍ର, ଏନ୍‌ଏଚ୍‌ଏଆଇର ଜିଏମ୍ ଏ.କେ ରାଏ, ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଆଇଓସିଏଲ୍ ସିନିୟର କର୍ପୋରେଟ କମ୍ୟୁନିକେଶନ ମ୍ୟାନେଜର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ମୃତ୍ୟୁ ମାମଲା, ଶିକାରୀ ଗିରଫ

ଢେଙ୍କାନାଳ ଅଫିସ, ୩।୧: ହିନ୍ଦୋଳ ରେଞ୍ଜ୍ କାଞ୍ଚିମୁଣ୍ଡା ପାହାଡ଼ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଗୁରୁବାର ଦୁଦୁରକୋଟ ଗ୍ରାମର ବାପି ବେହେରା (୨୮)ଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୬୨/୧୮-୧୯ରେ ମାମଲା ରୁଜୁ କରାଯାଇଛି।

## ଖରାପ ପାଗ ଯୋଗୁ ୩ ବିମାନ ବାତିଲ

ଭୁବନେଶ୍ୱର,୩।୧(ବ୍ୟୁରୋ): ଖରାପ ପାଗ ଯୋଗୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଆସିବାକୁ ଥିବା ୩ ବିମାନକୁ ଗୁରୁବାର ବାତିଲ କରାଯାଇଛି। ବାତିଲ ହୋଇଥିବା ତିନୋଟି ଯାକ ବିମାନ ଇଣ୍ଡିଗୋର ବୋଲି ସୂଚନା ମିଳିଛି। ବେଙ୍ଗାଲୁରୁରୁ ଆସିବାକୁ ଥିବା ଇଣ୍ଡିଗୋ ବିମାନ ନଂ. 6E 411, ହାଇଦ୍ରାବାଦରୁ ଆସୁଥିବା ବିମାନ ନଂ. 6E 6264 ଏବଂ କୋଲକାତାରୁ ଆସିବାକୁ ଥିବା ବିମାନ ନଂ. 6E 3869କୁ ବାତିଲ କରାଯାଇଛି। ଏ ନେଇ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଏହାସହ ଖରାପ ପାଗ ଯୋଗୁ ପାଖାପାଖି ୧୨ଟି ବିମାନ ଗୁରୁବାର ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଆସି ପହଞ୍ଚିଛନ୍ତି। ଏହାମଧ୍ୟରେ ଅଧିକାଂଶ ବିମାନ ଦିଲ୍ଲୀରୁ ଆସିଥିବା ବେଳେ ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, ମୁମ୍ବାଇ ଓ ରାଞ୍ଚିରୁ ଗୋଟିଏ ଲେଖାଏ ବିମାନ ରହିଛି। ତେବେ ବିମାନ ସେବାରେ ବ୍ୟାହତ ତଥା ବିମାନ ବାତିଲ ଓ ବିଳମ୍ବ ନେଇ ସମ୍ପୃକ୍ତ ଏୟାରଲାଇନ୍ସ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇନାହିଁ। ପାଗରେ ପରିବର୍ତ୍ତନ ଯୋଗୁ ବିମାନ ବାତିଲ ହୋଇଥାଇପାରେ ବୋଲି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ସୂଚନା ଦେଇଛନ୍ତି।







## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ବିଶ୍ୱ ବ୍ରେଲ୍ ଦିବସ ପାଳନ। ସ୍ଥାନ-ଅଶୋକନଗର ମିଲଟନ୍ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ସାଢ଼େ ୧୦ଟା ।
- ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ସଂଘ ବାର୍ଷିକ ଉତ୍ସବ।ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ।ସମୟ-ପୂର୍ବାହ୍ନ ୧୧ଟା।
- ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ। ସ୍ଥାନ-ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚ। ସମୟ-ସନ୍ଧ୍ୟା ୬ଟା ।

# ବିଦ୍ୟୁତ୍‌କାଟ୍ ପ୍ରତିବାଦରେ ଗଣବିକ୍ଷୋଭ

ବ୍ରହ୍ମପୁର ଅଫିସ୍,୩।୧

ଅଘୋଷିତ ବିଦ୍ୟୁତ୍ କାଟ୍ ଗଞ୍ଜାମ ଜିଲାବାସୀଙ୍କୁ ହନ୍ତସନ୍ତ କରିସାରିଲାଣି। ଦିନକୁ କେଉଁଠି ୪ଘଣ୍ଟା ତ ପୁଣି କେଉଁଠି ୬ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ବିଭାଗୀୟ ଅଧିକାରୀଙ୍କୁ ଏନେଇ ପ୍ରଶ୍ନକଲେ କୌଣସି ସ୍ପଷ୍ଟ ଉତ୍ତର ମିଳୁନି । ବିଭିନ୍ନ ପ୍ରକାର ବାହାନା ଦେଖାଇ ଏହାକୁ ଟାଳି ଦିଆଯାଉଛି। ଲୋକମାନେ ଅସହାୟ ହୋଇପଡ଼ିଲେଣି । ବ୍ୟବସାୟିକ ପ୍ରତିଷ୍ଠାନଠାରୁ ସରକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ପୁଣି ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ଯାଏ, ସବୁଆଡ଼େ ବିଦ୍ୟୁତ୍ କାଟ ପ୍ରଭାବ ଦେଖିବାକୁ ମିଳୁଛି। ପୁଞ୍ଜୀଭୂତ ଅସନ୍ତୋଷର ପ୍ରତିଫଳନ ଗୁରୁବାର ବ୍ରହ୍ମପୁର ସାଉଥ୍-କୋ କର୍ପୋରେଟ୍ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ କାଟ୍ ପ୍ରତିବାଦରେ ସଂଗଠିତ ଗଣବିକ୍ଷୋଭରେ ବିଭିନ୍ନ ରାଜନୈତିକ ଦଳନେତା, ସାମାଜିକ ଏବଂ ନାଗରିକ ସଂଗଠନ ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ସାଉଥ୍-କୋ ଏବଂ ଶକ୍ତି ବିଭାଗକୁ କଡ଼ା ସମାଲୋଚନା କରିଥିଲେ ।

ବିକ୍ଷୋଭକାରୀଙ୍କ ଅଭିଯୋଗ ହେଲା, ମନଇଚ୍ଛା ବିଦ୍ୟୁତ୍ କାଟ୍ ହେଉଛି। ସହରରେ ୩ରୁ ୪ଘଣ୍ଟା ଏବଂ ଗାଁଗୁଡ଼ିକରେ ୫ରୁ ୬ଘଣ୍ଟା ବିଦ୍ୟୁତ୍ ରହୁନି। ଲୋକମାନେ ହଇରାଣ ହେଉଛନ୍ତି। ଜରୁରୀ ସରକାରୀ ଏବଂ ବେସରକାରୀ କାର୍ଯ୍ୟ ହୋଇପାରୁନି ।



ସାଉଥ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଆଗକୁ ପିଲାମାନଙ୍କ ବାର୍ଷିକ ପରୀକ୍ଷା ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସନ୍ଧ୍ୟା ଏବଂ ସକାଳେ ବିଜୁଳି ନ ଥିବାରୁ ପାଠପଢ଼ାରେ ସମସ୍ୟା ହେଉଛି । ପିଲାଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଚାଲି ଯାଉଥିବା ବେଳେ ସରକାରଙ୍କର ଏଥି ପ୍ରତି ନିଘା ନାହିଁ । ୨୪ଘଣ୍ଟା ବିଦ୍ୟୁତ୍ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରିପାରୁନାହାନ୍ତି । ଶୀତ ଋତୁରେ ଯଦି ଏଭଳି ଅବସ୍ଥା, ତେବେ ଗ୍ରୀଷ୍ମରେ ବିଦ୍ୟୁତ୍ ସମସ୍ୟା କେମିତି ମୁଣ୍ଡ ଟେକିବ, ତାହା ସହଜେ ଅନୁମେୟ। ଏଣୁ ତୁରନ୍ତ ବିଦ୍ୟୁତ୍ କାଟ୍ ବନ୍ଦ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ । ସକାଳ ପ୍ରାୟ ୯ଟା ବେଳକୁ ବହୁ ସଂଖ୍ୟାରେ ସଚେତନ ନାଗରିକ ସାଉଥ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ।

- ବିଭିନ୍ନ ସଂଗଠନ, ରାଜନୈତିକର ଦଳ ସାମିଲ
- ୨ବଦଳରେ ୧ ଘଣ୍ଟା କାଟିବାକୁ ସାଉଥ୍‌କୋ ରାଜି

ଫାଟକ ବନ୍ଦ କରିବା ସହ କୌଣସି କର୍ମଚାରୀଙ୍କୁ ଭିତରକୁ ଛାଡ଼ି ନ ଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ସାଉଥ୍‌କୋର ସିଇଓ ପି. ଅରୁଣ କୁମାର ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟୁତ୍ ଅଭାବ ଯୋଗୁ କାଟ୍ ହେଉଛି । ଏଣିକି ସୂଚନା ଦେଇ ବିଦ୍ୟୁତ୍ କାଟ୍ କରାଯିବ। କିଛି ଦିନ ପାଇଁ ଘଣ୍ଟାଏ ଲେଖାଏ ବିଦ୍ୟୁତ୍ କାଟ୍ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ବିକ୍ଷୋଭରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟା, ସିପିଆଇ(ଏମ୍-ଏଲ୍) ରେଡ୍‌ଷ୍ଟାର୍‌ର ଜିଲା ସମ୍ପାଦକ ଶଙ୍କର ସାହୁ, ସିପିଆଇ(ଏମ୍) ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ସିଆଇଟିୟୁ ନେତା ଯୁଧିଷ୍ଠିର ବେହେରା, ସିପିଆଇର ସୁଧାଂଶୁ ପଣ୍ଡା, କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଏବଂ ଦୀପକ ପଟ୍ଟନାୟକ, ଏସ୍‌ୟୁସିଆଇର ବିଷ୍ଣୁ ଦାସ, ଭାଜପାର ସରୋଜ ସାବତ, ବିଦ୍ୟୁତ୍ କର୍ମଚାରୀ ସଂଘ ପଞ୍ଚାନନ ଜେନା, ଆଇନଜୀବୀ ପ୍ରଦୀପ ବେହେରା, ଅଶୋକ ଶୁକ୍ଲ, ଭିକାରୀ ବେହେରା, ରାଜେନ୍ଦ୍ର ପଣ୍ଡା, ରବି ରଥ, ବିଜୟ ଚନ୍ଦ୍ର ବିଷୋୟୀ ଓ ଗଗନ ଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ସଚେତନ ନାଗରିକ ସାମିଲ୍ ହୋଇଥିଲେ ।

## ପାର୍କିଂକୁ ନେଇ ଗଣ୍ଡଗୋଳ

# ଅଟୋଚାଳକ ଆହତ, ୨ ଗିରଫ

**ବ୍ରହ୍ମପୁର ଅଫିସ୍,୩।୧:** ବଡବଜାର ଥାନା ଅଧୀନ ହନୁମାନ ମନ୍ଦିର ସାହିରେ ବୁଧବାର ସନ୍ଧ୍ୟାରେ ଗାଡି ପାର୍କିଂକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି । ଏଥିରେ ହନୁମାନ ମନ୍ଦିର ସାହିର ଅଟୋ ଚାଳକ ଲୋକନାଥ ଗୌଡ ଆହତ ହୋଇଛନ୍ତି। ଥାନାରେ ଅଭିଯୋଗ ହେବା ପରେ ଘଟଣାରେ ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫମାନେ ହେଲେ ବଡବଜାର ଥାନାଞ୍ଚଳ ବାଲାଜୀପେଣ୍ଠ ସାହିର ଦୀପକ ମହାରଣା (୨୬) ଓ ଲୋକା ମହାରଣା (୨୫) ।

ପ୍ରକାଶଯେ, ବୁଧବାର ସନ୍ଧ୍ୟାରେ ହନୁମାନ ମନ୍ଦିର ସାହିର ଲୋକନାଥ ନିଜ ପାସେଞ୍ଜର ଅଟୋ ସାହି ରାସ୍ତାରେ ପାର୍କିଂ କରି ଭିତରେ ବସିଥିଲେ। ସେହି ସମୟରେ ବାଇକ୍‌ରେ ଦୀପକ ଆସିଥିଲେ ।

ସେଠାରେ ଅଟୋ ପାର୍କିଂ ନ କରିବାକୁ ଲୋକନାଥଙ୍କୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ସହ ହାତାହାତି ହୋଇଥିଲା । ଗଣ୍ଡଗୋଳରେ ଲୋକନାଥ ଆହତ ହୋଇଥିଲେ । ଚିକିତ୍ସିତ ହୋଇ ବଡବଜାର ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୧/୧୯ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ କହିଛନ୍ତି ।

## ପୂର୍ବତନ ମେୟରଙ୍କ ଗୁଳି ମାଡ଼ ମାମଲା

# ଜାମିନ ପାଇଲେ ବୁଡୁ

**ବ୍ରହ୍ମପୁର ଅଫିସ୍,୩।୧:** ବ୍ରହ୍ମପୁର ମହାନଗର ନିଗମ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ଉପରକୁ ଗୁଳି ମାଡ ମାମଲାରେ ଗୁରୁବାର ଅଭିଯୁକ୍ତ ବୁଡୁ ଦାସଙ୍କୁ ପ୍ରଥମ ଜିଲା ଦୌରା ଜଜ୍ ସଞ୍ଜୟ କୁମାର ସାହୁ ଜାମିନ ପ୍ରଦାନ କରିଛନ୍ତି ବୋଲି ଆଇନଜୀବୀ ପୀତବାସ ପଣ୍ଡା ସୂଚନା ଦେଇଛନ୍ତି । ଉକ୍ତ ମାମଲାରେ ପୂର୍ବରୁ ୨ ଅଭିଯୁକ୍ତଙ୍କୁ ଜାମିନ ମିଳିସାରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ବୁଡୁଙ୍କୁ ଗୁରୁବାର ଜାମିନ ମିଳିଛି । ପ୍ରକାଶଯେ, ୨୦୧୮ ଜାନୁୟାରୀ ୧୧ରେ ପିଣ୍ଟୁ ଏକ ଶ୍ରାଦ୍ଧ ଭୋଜିରେ ଯୋଗ ଦେବାକୁ ନୀଳକଣ୍ଠେଶ୍ୱର ଶୈବ ପୀଠକୁ ଯାଉଥିଲେ । ପିଣ୍ଟୁଙ୍କ ଉପରକୁ ବୁଡୁଙ୍କ ସମେତ ୩ ଅଭିଯୁକ୍ତ ଗୁଳି ଚାଳନା କରି କେଉଁଆଡେ ଫେରାର ହୋଇଯାଇଥିଲେ। ପିଣ୍ଟୁ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଜାନୁୟାରୀ ୧୩ରେ ଗୋଷାଣୀନୂଆଗାଁ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୪/୧୮ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ଅନ୍ୟତମ ଅଭିଯୁକ୍ତ ବୁଡୁ କୋର୍ଟରେ ଆତ୍ମ ସମର୍ପଣ କରିଥିଲେ ।

## ■ ସ୍କିଲ୍ ଇନ୍ ଓଡ଼ିଶା କର୍ମଶାଳାରେ ଯୋଗଦେଲେ ବାଗ୍‌ଚୀ

# ନିଯୁକ୍ତିଦାତା ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ




କର୍ମଶାଳାରେ ସୁବ୍ରତୋ ବାଗ୍‌ଚୀ ଏବଂ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ୍,୩।୧

ଓଡ଼ିଶା ପବ୍ଲିକ ଲାଇବ୍ରେରି ପରିଚାଳନା କମିଟି ତରଫରୁ 'ସ୍କିଲ୍‌ଡ ଇନ୍ ଓଡ଼ିଶା' ଶୀର୍ଷକରେ ଏକ କର୍ମଶାଳା ଗୁରୁବାର ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟି(ଓଏସ୍‌ଡିଏ)ର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଓଡ଼ିଶାରେ ପ୍ରଯୁକ୍ତି ଜ୍ଞାନ କୌଶଳର ବିକାଶ ଦିଗରେ ନିଆଯାଇଥିବା କେତେକ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ । ସେ କହିଥିଲେ, ବହୁ ବର୍ଷ ହେଲା ଓଡ଼ିଶାରେ ଅଭିଭାବକଙ୍କ ଏକ ମାନସିକତା ରହିଛି, ସେମାନେ ଚାକିରିଆଙ୍କୁ ଅଧିକ ପସନ୍ଦ କରୁଛନ୍ତି । କିନ୍ତୁ ଯେଉଁମାନେ ଛୋଟ ଉଦ୍ୟୋଗ ସୃଷ୍ଟି କରୁଛନ୍ତି, ସେମାନଙ୍କୁ ନାପସନ୍ଦ କରାଯାଉଛି। ଫଳରେ ଓଡ଼ିଶାରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି ହୋଇପାରିନି। ଓଡ଼ିଆ ଯୁବକମାନେ ଅନ୍ୟ ରାଜ୍ୟକୁ ଚାକିରି ଖୋଜିବାକୁ ଯାଉଛନ୍ତି। ଧୀରେ ଧୀରେ ଏଭଳି ମାନସିକତାର ପରିବର୍ତ୍ତନ ହେଉଛି । ଓଡ଼ିଶାରେ ମଧ୍ୟ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ପାଇଁ ଯୁବପିଢ଼ି ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଛି। ଏନେଇ ରାଜ୍ୟ ସରକାର ଯଥା ସମ୍ଭବ ସହଯୋଗ କରୁଛନ୍ତି। ସମ୍ପ୍ରତି 'ନାନୋ ୟୁନିକର୍ଣ୍ଣ' ଯୋଜନା ଆରମ୍ଭ ହୋଇଛି। ଆଇଟିଆଇରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସହଜରେ ବ୍ୟାଙ୍କରୁ ଋଣ ପ୍ରଦାନ କରାଯିବ । ନୂତନ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଏବଂ ସହଯୋଗ କରାଯିବ। ଏହି ଉଦ୍ୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୃଷ୍ଟି ହେବ। ବହୁ ଯୁବତୀ ଯୁବକ ନିଯୁକ୍ତି ପାଇପାରିବେ। ତେବେ ଏହି ଯୋଜନାରେ ଅଧିକରୁ ଅଧିକ ଯୁବପିଢ଼ି ସାମିଲ ହେବା ଆବଶ୍ୟକ । ଚାକିରି ଖୋଜିବା ବଦଳରେ ନିଜେ ଜଣେ ଜଣେ ନିଯୁକ୍ତିଦାତା ହେବାକୁ ବାଗ୍‌ଚୀ ଆହ୍ୱାନ ଦେଇଥିଲେ । ଅନ୍ୟପଟେ ରାଜ୍ୟ ସରକାର ଆଇଟିଆଇ ଶିକ୍ଷାରେ ଅଧିକରୁ ଅଧିକ ଝିଅଙ୍କୁ ସାମିଲ୍ କରୁଛନ୍ତି । ଆଉ ଅଳ୍ପ ବର୍ଷ ଭିତରେ ୩୩ପ୍ରତିଶତ ଝିଅଙ୍କୁ ଆଇଟିଆଇରେ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଝିଅମାନଙ୍କ ଭିତରେ ଆଇଟିଆଇ ଶିକ୍ଷା ପ୍ରତି ଆଗ୍ରହ ବଢ଼ୁଥିବା ଯୋଗୁ ସହଜରେ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ । ଚଳିତ ବର୍ଷ ରୁଷିଆରେ ବିଶ୍ୱ କୌଶଳ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୨୨ଛାତ୍ରୀଛାତ୍ର ଭାଗନେବେ । ଏହା ଆମ ପାଇଁ ଗୌରବର ବିଷୟ ବୋଲି ବାଗ୍‌ଚୀ କହିଥିଲେ । ଓଡ଼ିଶା ସୋସାଇଟି ଅଫ୍ ଆମେରିକା(ଓସା) ଦ୍ୱାରା ଆଂଶିକ ଭାବେ ପ୍ରାୟୋଜିତ ବ୍ରହ୍ମପୁରର ପବ୍ଲିକ ଇ-ଲାଇବ୍ରେରିକୁ ଶିକ୍ଷା ଓ ସୂଚନା ଦିଗରେ ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକା ସଦସ୍ୟ ଡା. ଅଜୟ କୁମାର ମହାନ୍ତି, ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ ରଜତ କୁମାର ପାଣିଗ୍ରାହୀ, ଚକ୍ଷୁ ବିଶେଷଜ୍ଞ ତଥା ଇ-ଲାଇବ୍ରେରି ପରିଚାଳନା କମିଟି ସଭାପତି ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି, ଡେପୁଟି କମିଶନର୍ ସୌରୀନ୍ଦ୍ର କୁମାର ରାଉତରାୟ, ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ପି.ସି. ସାହୁ ଓ ପ୍ରଫେସର ଏନ୍.ସି. ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଇ.ଟି. ରାଓ, ଜାମୁଲା ସୁରେଶ, ମାନସ କୁମାର ପାତ୍ର, ସୂର୍ଯ୍ୟ ପାଢୀ, ନଳିନୀ ପଟ୍ଟନାୟକ ଓ ରାମକୃଷ୍ଣ ଚୌଧୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ମାଓବାଦୀ ନେତା ସବ୍ୟସାଚୀ ଗିରଫ ମାମଲା

# କୋର୍ଟରେ ସାକ୍ଷ୍ୟ ଦେଲେ ୨ ଏସ୍‌ଡିପିଓ

ବ୍ରହ୍ମପୁର ଅଫିସ୍,୩।୧

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଗିରଫ ମାମଲାର ବିଚାର ଚାଲିଥିବା ବେଳେ ଗୁରୁବାର ଦୁଇ ତଦନ୍ତକାରୀ ଅଧିକାରୀ ଏସ୍‌ଡିପିଓ ସାକ୍ଷୀଙ୍କ ପ୍ରଥମ ଜିଲା ଦୌରାଜଜ୍ କୋର୍ଟ(ଏଡିଜେ-୧)ରେ ସାକ୍ଷ୍ୟ ବୟାନ୍ ଗ୍ରହଣ କରାଯାଇଛି । ମାମଲାରେ ଗୁରୁବାର ୪ ଜଣ ସାକ୍ଷୀଙ୍କୁ ହାଜର ହୋଇ ସାକ୍ଷ୍ୟ ବୟାନ୍ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ହୋଇଥିଲା । ଗୁରୁବାର ୨ ଜଣ ଏସ୍‌ଡିପିଓ ପ୍ରଦୀପ ପଟ୍ଟନାୟକ ଏବଂ ଏସ୍‌ଡିପିଓ ଠାକୁର ପାତ୍ର କୋର୍ଟରେ ହାଜର ହୋଇ ସାକ୍ଷ୍ୟ ବୟାନ୍ ଦେଇଥିଲେ । ଅନୁପସ୍ଥିତ ରହିଥିବା ଶେଷ ଦୁଇ ଜଣ ସାକ୍ଷୀ ଏସ୍‌ଆଇ ଦୀପକ ଲେଙ୍କା ଓ ଘର ମାଲିକାଣୀ ଏ.ମହାଲକ୍ଷ୍ମୀଙ୍କୁ ଚଳିତ ମାସ ୨୪ତାରିଖରେ କୋର୍ଟରେ ହାଜର ହୋଇ ବୟାନ୍ ଦେବାକୁ ଏଡିଜେ-୧ ସଞ୍ଜୟ କୁମାର ସାହୁ ନିର୍ଦ୍ଦେଶ ଦେଇଥିବା ସବ୍ୟସାଚୀଙ୍କ ଓକିଲ ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ଗୁରୁବାର ଏସ୍‌ଟି ୩୩/୧୫ ମାମଲାର ବିଚାର ଚାଲିଥିବା ବେଳେ ଦୁଇ ପୋଲିସ ଅଧିକାରୀଙ୍କ ସହିତ ସବ୍ୟସାଚୀଙ୍କ ଓକିଲଙ୍କର ଜବାବ୍ ସୁଆଲ ହୋଇଥିଲା । ଦେଶଦ୍ରୋହୀ ମାମଲାରେ ସରକାରୀ ଅନୁମତି ନ ପାଇ ସବ୍ୟସାଚୀଙ୍କ ଗିରଫଦାରି ମାମଲାରେ ପୋଲିସ ଚାର୍ଜଶିଟ୍ କୋର୍ଟରେ କିପରି ଦାଖଲ କରିଥିଲା ଏବଂ ଜବତ ସାମଗ୍ରୀରେ ମୁଦାଲା ଏବଂ ସାକ୍ଷୀଙ୍କର ଦସ୍ତଖତ କାହିଁକି ନାହିଁ ବୋଲି ସବ୍ୟସାଚୀଙ୍କ ଓକିଲ ପ୍ରଶ୍ନ ଉଠାଇବା ବେଳେ ଦୁଇ ପୋଲିସ ଅଧିକାରୀ ତ୍ରୁଟି ମାନିନେଇଥିଲେ । ଉକ୍ତ ମାମଲାରେ ପୂର୍ବରୁ ୧୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ବୟାନ୍ ଗ୍ରହଣ କରାଯାଇ ସାରିଥିବା ବେଳେ ଗୁରୁବାର ଦୁଇ ପୋଲିସ ଅଧିକାରୀ କୋର୍ଟରେ ହାଜର ହେବା ପରେ ସାକ୍ଷ୍ୟ ବୟାନ୍ ଗ୍ରହଣ କରାଯାଇଥିଲା । ଆସନ୍ତା ୨୪ତାରିଖରେ ଶେଷ ଦୁଇ ସାକ୍ଷୀଙ୍କ ବୟାନ୍ ଗ୍ରହଣ କରାଯିବା ପରେ ମାମଲା ଶେଷ ହେବ ବୋଲି ସୂଚନା ମିଳିଛି। ୨୦୧୪ ଜୁଲାଇ ୧୮ରେ ବଡବଜାର ଥାନାଅଞ୍ଚଳରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଏକ ଭଡା ଘରୁ ବ୍ରହ୍ମପୁର ପୋଲିସ ଗିରଫ କରିଥିଲା । ସେଠାରୁ ମାଓବାଦୀ ସମ୍ପର୍କିତ ବହୁ ସାମଗ୍ରୀ ପୋଲିସ ଜବତ କରିଥିଲା ।

# ଓଡ଼ିଶା ରାଜନୀତିରେ ପ୍ରବେଶ କରିବ ଟିଡିପି

ବ୍ରହ୍ମପୁର ଅଫିସ,୩।୧

ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶାସନ କ୍ଷମତାରେ ଥିବା ଆଞ୍ଚଳିକ ଦଳ ଟିଡିପି (ତେଲୁଗୁ ଦେଶମ ପାର୍ଟି) ଓଡ଼ିଶାରେ ଦଳର ସଂଗଠନ ବିସ୍ତାର କରିବା ପ୍ରୟାସ ଚଳାଇଛି । ମୁଖ୍ୟତଃ ଆନ୍ଧ୍ର ସୀମାନ୍ତରେ ଥିବା ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକୁ ଫୋକସ୍ କରିଛି। ତେଲୁଗୁ ଭାଷାଭାଷୀ ବହୁଳ ଗଞ୍ଜାମ, ଗଜପତି ଓ ଅବିଭକ୍ତ କୋରାପୁଟ ଜିଲାର କେତେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଜୋର ଧରିଛି ଚର୍ଚ୍ଚା । ଟିଡିପି ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଟିଡିପିକୁ ଜାତୀୟ ଦଳରେ ପରିଣତ କରିବା ଲକ୍ଷ୍ୟ ରଖିଛନ୍ତି । ତେଣୁ ତେଲେଙ୍ଗାନା ପରେ ଓଡ଼ିଶାକୁ ଟାର୍ଗେଟ କରିଛନ୍ତି । ଏଥିପାଇଁ ସର୍ଭେ କରାଯାଉଛି ଏବଂ ସ୍ଥିତି ଅନୁଧ୍ୟାନ ପାଇଁ ଜଣେ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ସେହି ପର୍ଯ୍ୟବେକ୍ଷକ ପ୍ରଥମେ କୋରାପୁଟ ଜିଲା ଗସ୍ତ କରି ଦ୍ୱିତୀୟ ପର୍ଯ୍ୟାୟରେ ଗଜପତି ଜିଲାରେ ଅନୁଧ୍ୟାନ ପରେ ଗୁରୁବାର ଗଞ୍ଜାମ ଜିଲାରେ ପହଞ୍ଚିଛନ୍ତି ।

ବିଜେଡି ଓ କଂଗ୍ରେସରେ କୋଣଠେସା ହୋଇଥିବା କେତେକ ସକ୍ରିୟ ନେତା ତଥା କର୍ମୀଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ, ଗଞ୍ଜାମର ବ୍ରହ୍ମପୁର, ଚିକିଟି ଓ ଗୋପାଳପୁର ବିଧାନସଭା କ୍ଷେତ୍ରରେ ବହୁ ସଂଖ୍ୟକ ତେଲୁଗୁ ଭାଷାଭାଷୀ ଭୋଟର ଅଛନ୍ତି । ୧୯୫୧-୫୨ରୁ ୨୦୧୪ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଉଭୟ କଂଗ୍ରେସ ଓ ବିଜେଡି ଜଣେ ବି ତେଲୁଗୁ ଲୋକଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଇନାହାନ୍ତି । ରାଜନୀତିରେ ଥିବା ତେଲୁଗୁ ଲୋକେ ଉପେକ୍ଷିତ ହୋଇଛନ୍ତି। ସେମାନଙ୍କ ସହିତ ଟିଡିପି ପର୍ଯ୍ୟବେକ୍ଷକ ମନ୍ତ୍ରଣା ଚଳାଇଥିବା ଖବର ମିଳିଛି। ମହାନଗରର ଏକ ବିଳାସ ପୂର୍ଣ୍ଣ ହୋଟେଲରେ ଆଲୋଚନା ହୋଇଛି। ସର୍ବାଧିକ ତେଲୁଗୁ ଭୋଟର ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଅଛନ୍ତି। ଚିକିଟି ଓ ବ୍ରହ୍ମପୁର ଆସନରେ ମଧ୍ୟ ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୦% ତେଲୁଗୁ ଭାଷାଭାଷୀ ଅଛନ୍ତି । ତେଣୁ ଉପରୋକ୍ତ ୩ ବିଧାନସଭା ଆସନ ଉପରେ ଟିଡିପିର ନଜର ପଡ଼ିଛି । ୨୦୧୯ସାଧାରଣ

- ଗୋପାଳପୁର, ବ୍ରହ୍ମପୁର, ଚିକିଟିରେ ପ୍ରାର୍ଥୀ ଦେବା ସମ୍ଭାବନା
- ଫୋକସ୍‌ରେ ଦକ୍ଷିଣାଞ୍ଚଳର ତେଲୁଗୁ ଭାଷାଭାଷୀ ଜିଲା
- ସର୍ଭେ କରୁଛନ୍ତି ଦଳୀୟ ପର୍ଯ୍ୟବେକ୍ଷକ

ନିର୍ବାଚନରେ ଟିଡିପି ଓଡ଼ିଶାରେ ୫୨ବିଧାନସଭା ଆସନରେ ପରୀକ୍ଷାମୂଳକ ଭାବେ ପ୍ରାର୍ଥୀ ଦେବାର ନିଷ୍ପତ୍ତି ନେଇଥିବା ତେଲୁଗୁ ଲୋକଙ୍କ ସହ ଆଲୋଚନା ବେଳେ ପର୍ଯ୍ୟବେକ୍ଷକ ସୂଚନା ଦେଇଥିବା ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବିଜେଡି ନେତା କହିଛନ୍ତି । ଦକ୍ଷିଣ ଓଡ଼ିଶାର ବିଭିନ୍ନ ବିଧାନସଭା ଆସନରେ ଯଦି ଟିଡିପି ପ୍ରାର୍ଥୀ ଦେବ ତେବେ ଚଳନ୍ତି ରାଜନୀତି ରୋଚକ ହେବାର ସମ୍ଭାବନା ରହିଛି । ସୂଚନାଯୋଗ୍ୟ, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନଡିଏ ସରକାରରେ ପ୍ରଥମେ ଟିଡିପି ଅଂଶୀଦାର ଥିଲା। ୨୦୧୬ ଜୁନ ୧୪ରେ ଭାଜପା ବା ଏନଡିଏ ସରକାରର ବିକାଶ ଉତ୍ସବ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ବିକାଶ ବଖାଣିବାକୁ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ତଥା ଟିଡିପି ନେତା ପି. ଅଶୋକ ଗଜପତି ରାଜୁ ଆସିଥିଲେ। ଗଣମାଧ୍ୟମ ସହ ଅଣାନୁଷ୍ଠାନିକ ଆଲୋଚନା ପ୍ରସଙ୍ଗରେ ଓଡ଼ିଶାରେ ଟିଡିପି ସଂଗଠନ ଆରମ୍ଭ କରିବାର ଆଭାସ ସେ ଦେଇଥିଲେ । ୨୦୧୬ ଜୁନ ୨୭ରେ ବ୍ରହ୍ମପୁରରେ ତେଲୁଗୁ ସଂଗଠନର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଆନ୍ଧ୍ରପ୍ରଦେଶ ବିଧାନସଭା ଉପବାଚସ୍ପତି ମାଣ୍ଡାଲି ବୁଦ୍ଧ ପ୍ରସାଦ। ଅନେକ ତେଲୁଗୁ ଲୋକଙ୍କ ସହିତ ସେ ରାଜନୈତିକ ଆଲୋଚନା କରିଥିଲେ। ଇତିମଧ୍ୟରେ ଏନ୍‌ଡିଏରୁ ସମ୍ପର୍କ ଛିନ୍ନ କରିଛି ଟିଡିପି। ଆଗାମୀ ନିର୍ବାଚନ ପାଖେଇ ଆସୁଥିବା ବେଳେ ଟିଡିପି ପର୍ଯ୍ୟବେକ୍ଷକ ମୁଖ୍ୟତଃ ଦକ୍ଷିଣ ଓଡ଼ିଶାରେ ପ୍ରାର୍ଥୀ ଦେବାର ସୂଚନା ଦେଇଛନ୍ତି । ଏହା ଯଦି ହୁଏ ତେବେ ରାଜ୍ୟର ଦକ୍ଷିଣାଞ୍ଚଳ ରାଜନୀତିରେ ନୂଆ ସମୀକରଣ ହେବା ସମ୍ଭାବନା ରହିଛି ।

# ରାସ୍ତା କଡ଼କୁ ଓଲଟିଲା ଟ୍ରକ



**ଦିଗପହଣ୍ଡି/ ପାଟପୁର,୩।୧(ଡି.ଏନ.ଏ.):** ଦିଗପହଣ୍ଡି-ରାୟଗଡ଼ା ମୁଖ୍ୟ ରାସ୍ତା ତପ୍ତପାଣି ଘାଟିରେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟାରେ କାଠ ବୋଝେଇ ଟ୍ରକ ରାସ୍ତାକଡରେ ଥିବା ଗଛରେ ପିଟିହୋଇ ଓଲଟି ପଡ଼ିଥିଲା। ଟ୍ରକର ଚାଳକ ଓ ହେଲପର ସାମାନ୍ୟ ଆହତ ହୋଇଥିଲେ। ସେମାନଙ୍କୁ ପୋଡ଼ାମାରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ କରି ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



→ ଆଦିତ୍ୟ



→ ବିନୋଦ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 142 of 2018**

**UCO Bank, Banarpal Branch, Angul** ...Applicant
Vrs
**Sri Anil Kumar Shah & others** ...Defendants

To
1. **Sri Anil Kumar Shah,** S/o- Sri Sitaram Shah, At: 110, Manorama Manner, P.O.: Bomikhal, Bhubaneswar, Dist.: Khurda
2. **Sri Ganga Narayan Dash,** S/o- Sri Shyam Sundar Dash, At/P.O.: Athamalik, Dist.: Angul

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA. No. 142/ 2018** in the court of the Debts Recovery Tribunal, Cuttack for recovery of **Rs.31,27,375/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

**Sd/- SRIKANTA KUMAR MAIKAP**
**REGISTRAR**

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 146 of 2018**

**UCO Bank, Banarpal Branch, Angul** ...Applicant
Vrs
**Sri Ishan Shah & others** ...Defendants

To
1. **Sri Ishan Shah**, S/o- Sri Ratan Chandra Shah, At: 696, Jayadurga Nagar, P.O.: Bomikhal, Bhubaneswar, Dist.: Khurda

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA. No. 146/ 2018** in the court of the Debts Recovery Tribunal, Cuttack for recovery of **Rs.31,64,815/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

**Sd/- SRIKANTA KUMAR MAIKAP**
**REGISTRAR**

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 143 of 2018**

**UCO Bank, Banarpal Branch, Angul** ...Applicant
Vrs
**Smt. Mamata Choudhury & others** ...Defendants

To
1. **Smt. Mamata Choudhury,** D/o- Sri Basanta Kumar Choudhury, At: Plot No.: E-4, Basanta Villa, Cuttack Road, P.O.: Bomikhal, Bhubaneswar, Dist.: Khurda
2. **Sri Purna Chandra Nayak,** S/o- Late Rudreswar Nayak, At: Plot No.: 144, Cuttack Road, P.O.: Bomikhal, Bhubaneswar, Dist.: Khurda
3. **Sri Badri Narayan Agrawalla,** S/o- Late Bala Mukunda Agrawalla, At/P.O.: Athamalik, Dist.: Angul

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA. No. 143/ 2018** in the court of the Debts Recovery Tribunal, Cuttack for recovery of **Rs.20,55,208/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

**Sd/- SRIKANTA KUMAR MAIKAP**
**REGISTRAR**

## ସଂକ୍ଷେପରେ

### କବରଖାନା ସ୍ଥାନ ଚିହ୍ନଟ ଦାବି

**ଜି.ଉଦୟଗିରି,୩।୧(ଡି.ଏନ.ଏ.):** ଜି.ଉଦୟଗିରି ଏନ୍ଏସି ଅଞ୍ଚଳରେ କବରଖାନା ନାହିଁ ଫଳରେ ସମ୍ପ୍ରଦାୟର କାହାରି ମୃତ୍ୟୁ ଘଟିଲେ ଖ୍ରୀଷ୍ଟିଆନ ସାହି ବାସିନ୍ଦା ବହୁ ଅସୁବିଧା ଭୋଗୁଛନ୍ତି। ମୃତଦେହକୁ ବହୁ ଦୂର ପର୍ଯ୍ୟନ୍ତ ନେଇ ସମାଧି ଦେଉଛନ୍ତି। ଏପରିକି ଗରିବ ଲୋକେ ସ୍ଥାନ ନ ପାଇଲେ ଦୂରରେ ମୃତଦେହକୁ ପକାଇ ଦେଇଆସିବାକୁ ବାଧ ହେଉଛନ୍ତି। କେହି କେହି ଜାଗା କିଣିବା ପରେ ସମାଧି ଦେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଶତାଧିକ ଲୋକ ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି । ଏନଏସି ମଧ୍ୟରେ କବରଖାନା ପାଇଁ ଜମି ଚିହ୍ନଟ କରିବାକୁ ସେମାନେ ଅନୁରୋଧ କରିଛନ୍ତି । ଦାବିପତ୍ରର ନକଲ ଜିଲାପାଳ, ଉପଜିଲାପାଳ, ବିଧାୟକ, ଏସଟି ଏସ୍‌ସି ସେଲ ଏବଂ ସଂଖ୍ୟାଲଘୁ କମିଶନ, ନୂଆଦିଲ୍ଲୀ ଏବଂ ଭୁବନେଶ୍ୱରଙ୍କୁ ଜଣାଇଛନ୍ତି ।

### ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



**ଛତ୍ରପୁର,୩।୧(ଡି.ଏନ.ଏ.):** ଛତ୍ରପୁର ଏନ୍ଏସିରେ ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଗୁରୁବାର ପାନୀୟ ଜଳ ପ୍ରକଳ୍ପ ଉଦଘାଟନ କରିଛନ୍ତି। ସ୍ଥାନୀୟ ମହାବୀର ନଗରଠାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସିର ୧୧ଟି ୱାର୍ଡରେ ଜଳ ଯୋଗାଣର ଉନ୍ନତୀକରଣ ପାଇଁ ପାଣି ପାଇପ, ରିକାପଲ୍ଲୀଠାରେ ରେଲୱେ ଲାଇନ୍ ଅତିକ୍ରମ କରି ପାଣି ପାଇପ୍ ବିଛାଇବା ଏବଂ ମହାବୀର ନଗର ଓ ପାର୍ଶ୍ୱବର୍ତ୍ତୀ ଜଳକ୍ଲିଷ୍ଟ ଅଞ୍ଚଳରେ ଜଳଯୋଗାଣର ଉନ୍ନତୀକରଣ ପାଇଁ ପାଣି ପାଇପ ବିଛାଇବା କାର୍ଯ୍ୟ ଉଦଘାଟିତ ହୋଇଥିଲା । କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଗଞ୍ଜାମ ଜିଲା ବିଜେଡି ସମ୍ପାଦକ ମନୋଜ ପାଢୀ, ପୂର୍ବତନ କାଉନସିଲ ଟି. ଚନ୍ଦ୍ରଶେଖର ରାଓ, ବାବୁଲି ସାହୁ, ଓକିଲ ଡମିନାଥ ସାହୁ, ସିଏଚ୍ ଦୟାନନ୍ଦ ରେଡ୍ଡୀ, ଜନସ୍ୱାସ୍ଥ୍ୟ ବିଭାଗର ଏସଡିଓ ଦେବବ୍ରତ ସାହୁ, କନିଷ୍ଠ ଯନ୍ତ୍ରୀ ମୃଦୁ କୁମାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ ରବରବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୋରଡା,୩।୧(ଡି.ଏନ୍.ଏ.)-** ବ୍ଲକସ୍ତରୀୟ ଶନିଦେବ ରବରବଲ ଟୁର୍ନାମେଣ୍ଟ ସ୍ଥାନୀୟ ଡ୍ରାଫ ପଡିଆଠାରେ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଏଥିରେ ଖେଳିବାକୁ ବ୍ଲକ ଓ ଏନ୍ଏସିର ୨୫ଟି ଦଳ ପଞ୍ଜିକୃତ ହୋଇଛନ୍ତି। ଉଦ୍‌ଘାଟନୀ ଦିବସରେ ବ୍ୟବସାୟୀ ମନୋଜ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଗଣପତି ମିଶ୍ର ଖେଳ ପରିଚାଳନା କରିଥିବାବେଳେ ୧୦ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟକୁ ଯୁବଗୋଷ୍ଠି ଆୟୋଜନ କରିଛନ୍ତି।

### ଯୁବକ ସଂଘର ବନ୍ଧୁମିଳନ



**ରାଇକିଆ,୩।୧(ଡ଼ି.ଏନ.ଏ):** କ. ନୂଆଗାଁ ବ୍ଲକ ସାଇନପଡ଼ାଠାରେ ବୁଧବାର ଉମାନୁଏଲ ଯୁବକ ସଂଘ ପକ୍ଷରୁ ନୂତନ ବର୍ଷକୁ ସ୍ୱାଗତ କରାଯିବା ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଙ୍ଗୀତକାର ଉମ୍ପ୍ରିୟମ ଦିଗାଲଙ୍କ ଦ୍ୱାରା ସୁରଝଙ୍କାର ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସାମିଲ ହୋଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ଅତିଥି ଭାବେ ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର, ବିଜେଡ଼ି ଜିଲା ସଭାନେତ୍ରୀ ଅନିମା କହଁର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସରପଞ୍ଚ କୁମୁଦ ମଲିକ, ଜାକବ ଦିଗାଲ, ଏଲିଓ ଦିଗାଲ, ବସନ୍ତ ଦିଗାଲ, ଶାନ୍ତିଲତା ସାହୁ, ସିମନ ମଲିକ ପ୍ରମୁଖ ଯୋଗ ଦେଇଥିଲେ । ଉମେଶ ଚନ୍ଦ୍ର ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସ୍ୱାସ୍ଥ୍ୟ ଶିବିର

**ପାତ୍ରପୁର,୩।୧(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଆମ୍ବପୁର ରାଜୀବ ସେବା କେନ୍ଦ୍ରଠାରେ ଗୁରବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଡ. ଟି. ପ୍ରିୟଦର୍ଶନୀ ବିଶାଖାପାଟଣାସ୍ଥିତ ଏକ ଘରୋଇ ମେଡ଼ିକାଲରେ ଚର୍ମ ରୋଗ ମୁଖ୍ୟଭାବେ କାର୍ଯ୍ୟରତ ଥିବାବେଳେ ଗ୍ରାମରେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର କରିଥିଲେ। ଶିବିରକୁ ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ବୃନ୍ଦାବନ ପ୍ରଧାନ, ବାବୁଲା ପ୍ରଧାନ, ଉମାକାନ୍ତ ପ୍ରଧାନ, ଦେବରାଜ ପ୍ରଧାନ, ଅଭିମନ୍ୟୁ ବେହେରା ଓ ଗ୍ରାମବାସୀ ସହଯୋଗ କରିଥିଲେ।

■ଜଙ୍ଗଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ଆର.ଉଦୟଗିରି,୩।୧(ଡି.ଏନ.ଏ.)**



ରାସ୍ତା ଅବରୋଧ ବେଳେ ଜିଲାପାଳଙ୍କ ଗାଡି ଅଟକି ରହିଛି।

■ଅଟକାଇଲେ ଜିଲାପାଳଙ୍କ ଗାଡି

■ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଗଜପତି ଜିଲା ଆର.ଉଦୟଗିରି ଥାନା ଛେଲିଗଡରେ ରହି ନିକଟସ୍ଥ ବିଦ୍ୟାଳୟରେ ପାଠ ପଢୁଥିବା ରାମଗିରି ଅଞ୍ଚଳର ଜଣେ ଛାତ୍ରୀଙ୍କ ମୃତଦେହ ପୋଲିସ ବୁଧବାର ଜଙ୍ଗଲରୁ ଉଦ୍ଧାର କରିଥିଲା । ନିଖୋଜର ୨୨ଦିନ ପରେ ପାତ୍ରବସା ଜଙ୍ଗଲର ଏକ ଜାମୁଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା । ଝିଅକୁ ବଳାତ୍କାର ପରେ ମାରି ଟାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିବା ସହ ପ୍ରେମ ସମ୍ପର୍କ ଥିବା ଜନୈକ ଯୁବକଙ୍କ ନାମରେ ଏତଲା ଦେଇଥିଲେ । ପୋଲିସ ନଂ.୧/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ବ୍ୟବଚ୍ଛେଦପରେ ପରିବାର ଲୋକେ ମୃତଦେହ ରଖି ଛେଲିଗଡ଼ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ । ସେହି ସମୟରେ ଗଜପତି ଜିଲାପାଳ ଅନୁପ ସାହା କୌଣସି କାମରେ ମୋହନାରୁ ଫେରୁଥିବାବେଳେ ତାଙ୍କୁ ପରିବାର ଲୋକେ ଅଟକାଇଥିଲେ । ସମ୍ପୃକ୍ତ ବିଦ୍ୟାଳୟରେ ଛାତ୍ରୀନିବାସ ନ ଥିବାରୁ ପିଲାମାନେ ବାହାରେ ରହି ପାଠ ପଢୁଛନ୍ତି। ଫଳରେ ଏଭଳି ଘଟଣା ଘଟିଲା ବୋଲି ଜିଲାପାଳଙ୍କୁ କହିଥିଲେ । ପୋଲିସ ମଧ୍ୟ ଏହାକୁ ଖାମଖିଆଲି ଭାବେ ନେଇଥିବା ଅଭିଯୋଗ କରିଥିଲେ । ଜିଲାପାଳ ସ୍ଥାନୀୟ ଥାନାଧିକାରୀ ଏବଂ ଏସ୍‌ଡିପିଓଙ୍କୁ ଘଟଣାସ୍ଥଳକୁ ଫୋନ୍‌କରି ଡକାଇ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଅତିଶୀଘ୍ର ବିଦ୍ୟାଳୟ ପାଇଁ ହୋଇଥିବା ଛାତ୍ରୀନିବାସ କାର୍ଯ୍ୟ ଶେଷକରି ପିଲାମାନଙ୍କୁ ରଖାଯିବ ବୋଲି ସେ କହିଥିଲେ । ଛାତ୍ରୀଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଏବଂ ପଞ୍ଚାୟତ ତରଫରୁ ୨ ହଜାର ଟଙ୍କା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା ।

ଛାତ୍ରୀଙ୍କ ମାମୁ ଏପରି ଅଘଟଣ ପାଇଁ ଆର୍.ଉଦୟଗିରି ପୋଲିସକୁ ଦାୟୀ କରିଛନ୍ତି। ଡିସେମ୍ବର ୨୪ରୁ ଭାଣିଜି ନିଖୋଜ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ତତ୍ପରତା ପ୍ରକାଶ କରି ନ ଥିଲା । ଯଦି ଅଭିଯୋଗ ପରେ ତତ୍ପରତା ପ୍ରକାଶ କରି ଖୋଜିଥାନ୍ତେ ତେବେ ମୋ’ ଭାଣିଜି ବଞ୍ଚିଥାନ୍ତେ ବୋଲି ସେ କହିଛନ୍ତି। ଏନେଇ ଆର.ଉଦୟଗିରି ଥାନାଧିକାରୀ ଗୋପୀନାଥ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କ ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି ବୋଲି କହିଥିଲେ । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ନ କଲେ ପୁଣି ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହେବୁ ବୋଲି ପରିବାର ଲୋକେ କହିଛନ୍ତି।

■୧୫ରୁ ପୁଣି ପିଠା, ଚାଲିଛି କାଳିଆ ପଞ୍ଜୀକରଣ

# ସମୀକ୍ଷା କଲେ ଜିଲାପାଳ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

**ଛତ୍ରପୁର,୩।୧(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଜନସଚେତନତା କାର୍ଯ୍ୟକ୍ରମ ପିଠା ଓ କୃଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନାର ଅଗ୍ରଗତି ସମୀକ୍ଷା ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଜିଲା ପରିଷଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ପୁଣି ଆସନ୍ତା ୧୫ ରୁ ୨୦ ତାରିଖ ଓ ଫେବୃୟାରୀ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ପୀଠା କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି କହିଥିଲେ। ପୂର୍ବରୁ ୫୦୩ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିଲା। ଏଣିକି ୧୮ ସହରାଞ୍ଚଳରେ ମଧ୍ୟ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମିଶନ ଶକ୍ତିରେ ଏସଏଚଜିଙ୍କୁ ମୂଳଧନ ପାଣ୍ଠି, ସୁନେତ୍ର ଯୋଜନାରେ ଚକ୍ଷୁ ସମସ୍ୟା ଥିବା ଛୋଟ ପିଲା ଓ ବୟସ୍କ ବ୍ୟକ୍ତିଙ୍କୁ ଚଷମା ବଣ୍ଟନ, ମୋ ଘର ଏଲଇଡି ଯୋଜନାରେ ଗରିବ ମାନଙ୍କୁ ଏଲଇଡି ବଲବ୍ ବଣ୍ଟନ, ଭୂମିହୀନଙ୍କୁ ଜମି ପଟ୍ଟା ଏବଂ ବିଭିନ୍ନ ବିଭାଗ ପକ୍ଷରୁ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। କାଳିଆ ଯୋଜନାରେ ସାମିଲ ହେବାରେ ପ୍ରକୃତ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ଏଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ କହିଥିଲେ। ଏଥିସହ ଚାଷ କରୁ ନ ଥିବା ଜମି ମାଲିକଙ୍କୁ ତାଲିକାରୁ ବାଦ୍ ଦେବା, ଚାଷୀମାନଙ୍କର ପଞ୍ଜୀକରଣ ତାଲିକା ପଞ୍ଚାୟତ, ରାଜସ୍ୱ ଗ୍ରାମ ଓ ସେବା ସମବାୟ ସମିତଗୁଡ଼ିକରେ ପ୍ରଦର୍ଶିତ କରିବା, ପ୍ରତ୍ୟେକ ଗାଁରେ ଯୋଜନା ସମ୍ପର୍କିତ ପ୍ରଚାରପତ୍ର ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡିଆରଡିଏ ପିଡି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

■ମା’ ଡୁମାଣୀ ଭଲିବଲ ଟୁର୍ନାମେଣ୍ଟ

## ପାଣ୍ଡବନଗରକୁ ୨-୦ରେ ହରାଇଲା ବାରଖମା



ଖେଳାଳିଙ୍କ ଗହଣରେ ଅତିଥିମାନେ।

**ଭଞ୍ଜନଗର,୩।୧(ଡି.ଏନ.ଏ.)**

ନୂଆଗାଁ ମା’ ଡମାଣୀ ଭଲିବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ କନ୍ଧମାଳ ଜିଲା ବାରଖମା ଓ ବ୍ରହ୍ମପୁର ପାଣ୍ଡବନଗର ମଧ୍ୟରେ ଖେଳା ଯାଇଥିଲା। ବାରଖମା ୨-୦ ସେଟ୍‌ରେ ବିଜୟୀ ହୋଇଛି। ମ୍ୟାଚରେ ପୂର୍ବତନ ସରପଞ୍ଚ ସୁବାସ ଖଣ୍ଡୁଆଳ, ଶିକ୍ଷକ ନେତା ପ୍ରଦୀପ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରୀ ଅନୁପ ପରିଡା, ଲାଇନ୍ସ ମ୍ୟାନ ବାଘ ନାୟକ, ଅଜିତ ନାୟକ ଓ ସ୍କୋରର ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ପାୱାରସିକ୍ସ ବ୍ରହ୍ମପୁର ଓ ବାରଖମା ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହେବ।

# ସଶକ୍ତ ହେବ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ: ମନ୍ତ୍ରୀ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମନ୍ତ୍ରୀ ଓ ଅନ୍ୟମାନେ।

**ଦିଗପହଣ୍ଡି,୩।୧(ଡି.ଏନ.ଏ.)**

ରାଜ୍ୟର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସଶକ୍ତ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ମୋବାଇଲ ଫୋନ ଯୋଗାଇ ଦିଆଯିବ। ଆତ୍ମନିର୍ଭରଶୀଳ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଗଢ଼ା ଯାଇଥିବା ବ୍ୟବସାୟଭିତ୍ତିକ ପ୍ରକଳ୍ପଗୁଡ଼ିକୁ ପ୍ରଥମ ପର୍ଯ୍ୟାୟରେ ୧୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି ୪୦ ଲକ୍ଷ ଗରିବ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗୁରୁବାର କହିଛନ୍ତି। ମା’ ନିଜ ବାଙ୍କେଶ୍ୱରୀ ପୀଠଠାରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଦେବରାଜ ମହାନ୍ତି, ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ, କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବିଜେଡି ବ୍ଲକ ସଭାପତି ସନ୍ତୋଷ କୁମାର ଚୌଧୁରୀ, ବିଜେଡି ଜିଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ, ରାଜ୍ୟ ଓସକାର୍ଡ ବ୍ୟାଙ୍କ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ନିରଞ୍ଜନ ଜେନା, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ବିଜେଡି ଜିଲା ସମ୍ପାଦକ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ହରିବନ୍ଧୁ ରେଡ଼ୀ ପ୍ରମୁଖ ବହୁ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେତେଜଣ ସରକାରୀ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ।

ଗୌତମ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ

## ଧରାକୋଟକୁ ହରାଇ ଆସିକା ବିଜୟୀ

**ହିଞ୍ଜିଳିକାଟୁ,୩।୧(ଡି.ଏନ୍.ଏ.)**

ରୟାଲ କ୍ରିକେଟ କ୍ଲବ ପକ୍ଷରୁ କଲେଜ ଷ୍ଟାଡିୟମରେ ଚାଲିଥିବା ଗୌତମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଲିଗ୍ ମ୍ୟାଚ ଗୁରୁବାର ଅମରନାଥ କ୍ରିକେଟ କ୍ଲବ ଆସିକା ଓ ଋଷିକୁଲ୍ୟା ୟଙ୍ଗ କ୍ରିକେଟ କ୍ଲବ ଧରାକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଆସିକା ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୭ ଉଇକେଟ ହରାଇ ୨୭୯ରନ କରିଥିଲା। ଜବାବରେ ଧରାକୋଟ ୧୨.୨ ଓଭରରେ ମାତ୍ର ୫୧ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଆସିକା ଟିମର ରାହୁଲ ମୁନିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଜିଜେଶ ସାହୁ ଓ ସୁଜିତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଦିନେଶ ପାଣିଗ୍ରାହୀ, ମନ୍ମଥ ସାମନ୍ତରା, ମହେଶ୍ୱର ସେଠୀ, ଟୁକୁନା ନାୟକ, ପ୍ରବୀଣ ଦାସ, ମଣ୍ଟୁ ସାହୁ, ରାଜା ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପାଣ୍ଡିଆପଥର ଟିମ୍ ବିଜୟୀ

**ଆସିକା,୩।୧ (ଡି.ଏନ୍.ଏ)**

କେନ୍ଦୁପଦର ପଞ୍ଚାୟତ ଟାଟୁଳାରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ ପାଣ୍ଡିଆପଥର ଓ ମୁନିଗାଡି ଟିମ ମଧ୍ୟରେ ହୋଇଥିଲା। ଟସ ଜିଣି ପାଣ୍ଡିଆପଥର ଟିମ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ହରାଇ ୨୧୪ ରନ କରିଥିଲା। ଜବାବରେ ମୁନିଗାଡି ଟିମ ୧୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ରନ କରି ପରାଜିତ ହୋଇଛି। ପାଣ୍ଡିଆପଥରର ଶଙ୍କର ଗୌଡ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

■କଇଣ୍ଡି କ୍ରିକେଟ୍ ଟୁର୍ନାମେଣ୍ଟ

## ଦୋମୁହାଣିକୁ ହରାଇ ଖଣ୍ଡରାବଳି ବିଜୟୀ

**ଭଞ୍ଜନଗର,୩।୧(ଡି.ଏନ.ଏ.)**

କଇଣ୍ଡି କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଗୋପବନ୍ଧୁ ଛାତ୍ରସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଯୁବ ଆଇନଜୀବୀ ରାଜେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ରଣସିଂ, ସନ୍ତୋଷ ପ୍ରଧାନ, ଦୀପୁ ପୃଷ୍ଟି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଖଣ୍ଡରାବଳି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଜବାବରେ ଦୋମୁହାଁଣି ୧୬୨ ରନ୍ ସଂଗ୍ରହ କରିଥିଲା। ଖଣ୍ଡରାବଳିର ପପୁ ୩୫ ବଲରେ ସର୍ବାଧିକ ୮୦ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆମ୍ପାୟର ସୁଶାନ୍ତ କୁମାର ଭୂୟାଁ ଓ କାହ୍ନୁ ଜେନା ଥିବାବେଳେ ସ୍କୋରର ଦାୟିତ୍ୱରେ ବିଶ୍ୱଜିତ୍ ପ୍ରଧାନ ଥିଲେ।



ମୁଖ୍ୟ ଅତିଥି ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## କାଠ ଚିରୁଥିବା ୨ ଜଣଙ୍କୁ ଗିରଫ କଲା ବନ ବିଭାଗ

**ଜଗନ୍ନାଥପ୍ରସାଦ,୩।୧**

ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିନସ୍ଥ ସଂରକ୍ଷିତ ଜଙ୍ଗଲ ନଂ-୨ର ବଣିଆନାଳ ଜଙ୍ଗଲଠାରେ ଶାଗୁଆନ ଗଣ୍ଡି କାଟି ପଟା ଚିରୁଥିବାବେଳେ ବନ ବିଭାଗ କର୍ମଚାରୀମାନେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ କରଡ଼ାବଣୀ ଗ୍ରାମର ରବୀନ୍ଦ୍ର ନାୟକ, ସିଙ୍ଗିପୁର ଗ୍ରାମର ଯଦୁ ନାଇକ। ରେଞ୍ଜର ରବୀନ୍ଦ୍ର କୁମାର କରଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ବନପାଳ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବନରକ୍ଷୀ ରବୀନ୍ଦ୍ର ନାରାୟଣ ଦଳାଇ, ରମେଶ କୁମାର ବେହେରା, ସରୀତା ପ୍ରଧାନ ଓ ସ୍କ୍ୱାଡ ପଟା ଚିରାଯାଉଥିବା ଖବରପାଇ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୪ ଶାଗୁଆନ ପଟା ଓ ଏକ ପାଲକା କାଠଗଣ୍ଡି, କରତ, ୨ ଟାଙ୍ଗିଆ ଜବତ କରିଥିଲେ। ଏନେଇ ନଂ.୩୪୬/୧୮-୧୯ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଶେରଗଡ,୩।୧(ଡି.ଏନ୍.ଏ.)**

ଶେରଗଡ ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଗୁରୁବାର ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଇସ ଭାସ୍କର ଲେଙ୍କା ଏହାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଜୟଚଣ୍ଡୀ ମନ୍ଦିରରୁ କ୍ରୀଡା ମଶାଲ ଆଣି ସ୍ଥାପନ ପରେ ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ୩ଭାଗରେ ବିଭକ୍ତ କରାଯାଇ ଦୌଡ, ଉଚ୍ଚ ଓ ଲମ୍ବଡିଆଁ, କବାଡି, ଡିସ୍‌କସ୍ ଥ୍ରୋ, ଜାଭଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଂଯୋଜନା ଓ କ୍ରୀଡ଼ା ଶିକ୍ଷକ ସୀତରାମ ବେବର୍ତ୍ତାଙ୍କ ପରିଚାଳନାରେ ଶିକ୍ଷକ ସୁବାଶ ଚନ୍ଦ୍ର ତାରିଣୀ ଓ ରାଜକିଶୋର ରଥ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୀମାଞ୍ଚଳ ପ୍ରଧାନ ଯୋଗଦେଇଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

# ଭାଜପା କୃଷକ ମୋର୍ଚ୍ଚାର ଖବରଦାତା ସମ୍ମିଳନୀ

**ଫୁଲବାଣୀ ଅଫିସ, ୩।୧**



ଉପସ୍ଥିତ ଭାଜପା କର୍ମକର୍ତ୍ତା।

କନ୍ଧମାଳ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁବାର ସ୍ଥାନୀୟ ପ୍ରେସ କ୍ଲବରେ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ମୋର୍ଚ୍ଚାର ସଦସ୍ୟମାନେ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷି ଓ କୃଷକମାରଣ ନୀତିକୁ ସମାଲୋଚନା କରିଥିଲେ। ଦୀର୍ଘ ୧୯ ବର୍ଷ ହେଲା ବିଜେଡି ଶାସନରେ ଅଛି । ଏମ୍ଏସ୍‌ପି ଉପରେ ୧୦୦ ଟଙ୍କା ବୋନସ ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ ସୁଦ୍ଧା ତାହା ଦେବାରେ ବିଫଳ ହୋଇଛନ୍ତି। କନ୍ଧମାଳ ଚାଷୀ ସାହୁକାର, ଚିଟ୍‌ଫଣ୍ଡ କମ୍ପାନୀ, ବିଭିନ୍ନ ଘରୋଇ ସଂସ୍ଥା ଦ୍ୱାରା ଠକେଇର ଶୀକାର ହୋଇଛି। ଆର୍ଥିକ ସ୍ତରରେ ପ୍ରଭାବିତ ହୋଇ ଚାଷୀ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ପ୍ରତିକାର ପାଇଁ ଦାବି ଉପସ୍ଥାପନ କଲେ ବି ପଦକ୍ଷେପ ନିଆଯାଉନି। ଚିଟ୍‌ଫଣ୍ଡରେ ଚାଷୀ ହରାଇଥିବା ଟଙ୍କା ତୁରନ୍ତ ଫେରସ୍ତ କରିବା ଦରକାର । ସେହିପରି କନ୍ଧମାଳ ଜିଲା ପାହାଡିଆ ଅଞ୍ଚଳ । ଏଠାରେ ଚାଷ ଜମି କମ୍ । ଜଙ୍ଗଲ ଜମି ଆବଣ୍ଟନ ମଧ୍ୟ ଠିକ୍ ଭାବେ କରାଯାଇନାହିଁ । ଜିଲାର ଚାଷୀ ଧାନ ପରିବର୍ତ୍ତେ ହଳଦୀ ଚାଷ କରି ଜୀବନ ନିର୍ବାହ କରିଛନ୍ତି। ତେଣୁ ହଳଦୀ ସହାୟକ ମୂଲ୍ୟ ୨ ଗୁଣ କରି ମଣ୍ଡି ମାଧ୍ୟମରେ କିଣାବିକା ହେଲେ ଚାଷୀର ଉନ୍ନତି ହୋଇପାରିବ । ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଏଯାଏ ସହାୟତା ମିଳିନାହିଁ। ସରକାରଙ୍କ କାଳିଆ ଯୋଜନା କନ୍ଧମାଳ ଚାଷୀଙ୍କ ପାଇଁ ବିଶେଷ ସହାୟକ ହୋଇପାରିବ ନାହିଁ ବୋଲି ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଲିଙ୍ଗରାଜ ଦଳ ବେହେରା, ସାଧାରଣ ସମ୍ପାଦକ ଭଗବାନ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳା ପାଣ୍ଡେ, ନଗର ଉପ ସଭାପତି ତପନ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

